ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/IPR(OD)/890/17-12-2020

# ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ୱେବିନାର ଅନୁଷ୍ଠିତ
## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର :୧୭ ଡିସେମ୍ବର,୨୦୨୦**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ନିଜର ପ୍ରତିଭା ଓ ସାଧୁ ଉଦ୍ୟମ ବଳରେ ତାଙ୍କ ସମୟରେ ଓଡ଼ିଶାର ରାଜନୀତିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି ଆଣିବାରେ ଅଗ୍ରଦୂତ ସାଜିଥିଲେ । ଜଣେ ସଚ୍ଚୋଟ ଦେଶପ୍ରେମୀ ଭାବେ ଓଡ଼ିଆ ଜାତିର ମାନ ଉଚ୍ଚ କରିବାରେ ସେ ସର୍ବଦା ଚେଷ୍ଟିତ ଥିଲେ । ସ୍ୱଳ୍ପ ବର୍ଷର ଜୀବଦ୍ଦଶାରେ ମାତୃଭୂମି ପ୍ରତି ମମତା ଓ ଅବଦାନ ତଥା ଉତ୍ସର୍ଗୀକୃତ ମନୋଭାବ ପ୍ରକଟ କରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଆଦର୍ଶ ସ୍ଥାପନ କରିଯାଇଛନ୍ତି ବୋଲି ଜଳସଂପଦ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ କହିଛନ୍ତି ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଯୋଗଜନ୍ମା ପୁରୁଷ । ଶାସନ ବ୍ୟବସ୍ଥା ଓ ଲୋକକଲ୍ୟାଣ କାର୍ଯ୍ୟକ୍ରମର ସଫଳ ରୂପାୟନରେ ତାଙ୍କର ଅସାଧାରଣ ଦକ୍ଷତା ଥିଲା । କଟକ ବଡ଼ ଡାକ୍ତରଖାନା ଯାହା ଏସ୍‌ସିବି ମେଡିକାଲ୍ କଲେଜ ଓ ଡାକ୍ତରଖାନା ଭାବେ କେବଳ ଓଡ଼ିଶା ନୁହେଁ ଭାରତରେ ଏକ ଅଗ୍ରଣୀ ପ୍ରତିଷ୍ଠାନ ଭାବେ ସୁନାମ ଅର୍ଜନ କରିଛି । ସଂପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀ ସେହି ଅନୁଷ୍ଠାନକୁ ବିଶ୍ୱସ୍ତରୀୟ ଅନୁଷ୍ଠାନ କରିବା ପାଇଁ ସଂକଳ୍ପ ନେଇଛନ୍ତି । ମହାରାଜାଙ୍କ ପ୍ରତ୍ୟେକ କାର୍ଯ୍ୟରୁ ତାଙ୍କର ଦୂରଦର୍ଶୀ ଚିନ୍ତାଧାରାର ପରିଚୟ ମିଳେ ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରିଭ୍ୟୁ ଏବଂ ଉତ୍କଳ ପ୍ରସଙ୍ଗର ସଂପାଦକ ଡକ୍ଟର ଲେନିନ୍ ମହାନ୍ତି କହିଥିଲେ ମହାରାଜା ଜଣେ ଦୂରଦର୍ଶୀ, ପ୍ରଜାବତ୍ସଳ, ସାହିତ୍ୟ ଅନୁରାଗୀ ସୁଶାସକ ଥିଲେ । ତାଙ୍କର ଉତ୍ତମ ଶାସନ ଏବଂ ଆଧୁନିକ ଚିନ୍ତାଧାରା ଯୋଗୁଁ ସେ ପରିବର୍ତ୍ତନର ଅଗ୍ରଦୂତ ସାଜି ସାମାଜିକ ପରିବର୍ତ୍ତନ ଆଣିଥିଲେ ।

ସମ୍ମାନିତ ବକ୍ତା ଭାବେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବିବେକାନନ୍ଦ ବିଶ୍ୱାଳ ଯୋଗଦେଇ କହିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଓଡ଼ିଶାର ଗର୍ବ ଏବଂ ଗୌରବ ଥିଲେ । ରାଜ୍ୟ ଗଠନ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରି ସେ ସାଧାରଣ ନାଗରିକର ଜୀବନଧାରଣର ମାନକୁ ଉନ୍ନତ କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟ ସୂଚନା କମିଶନର ଶ୍ରୀ ଦିଲ୍ଲୀପ କୁମାର ବିଷୋୟୀ ଯୋଗଦେଇ କହିଥିଲେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଗଣତନ୍ତ୍ରରେ ଗଭୀର ବିଶ୍ୱାସ କରୁଥିଲେ । ଚାଷୀଙ୍କୁ ଜମିସତ୍ତ୍ୱଠାରୁ ଆରମ୍ଭ କରି ଶିଳ୍ପ ବିକାଶ, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ଦିଗରେ ବହୁ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନେଇଥିଲେ । ମହାରାଜାଙ୍କର ପ୍ରାସଙ୍ଗିକତା ଆଜି ବି ରହିଛି ।

ଏହି ଭର୍ଚୁଆଲ୍ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ବିଖଣ୍ଡିତ କଳେବରର ଉତ୍କଳଜନନୀର ଅସ୍ମିତାକୁ ଫେରାଇ ଆଣିବା ପାଇଁ ଯେଉଁମାନେ ଉଦ୍ୟମ କରିଥିଲେ ସେମାନଙ୍କ ମଧ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଅଗ୍ରଣୀ ଥିଲେ । ତାଙ୍କର ୧୫୦ତମ ଜୟନ୍ତୀ ଅବସରରେ ଏସ୍‌ସିବି ମେଡିକାଲ୍ କଲେଜକୁ ବିଶ୍ୱସ୍ତରୀୟ ଅନୁଷ୍ଠାନ ରୂପେ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । ଆଜିର ଏହି ୱେବିନାର୍‌ରେ ସୂଚନା ଓ ଲୋକସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିବାବେଳେ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ୱେବିନାର ସଂଯୋଜନା କରିଥିଲେ ।

ଆଜି ସକାଳେ ପାୱାର ହାଉସ୍ ଛକଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ବିଭାଗ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀ ସନ୍ତୋଷ କୁମାର ଦାସ, ଅନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସଭ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଦୀପ୍ତିମୟୀ ମହାପାତ୍ର
ସୂଚନା ଅଧିକାରୀ